# ଆଇନ ସମ୍ପର୍କରେ ସଚେତନ କଲେ ଅଧିକାରୀ

ଅନୁଗୋଳ,୧୮।୧ (ଅମିତ କୁମାର ସାମଲ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆଦର୍ଶ ଆଇନ ମହାବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ବଳଦେବ କର, ଅଧକ୍ଷ ଶିଶୁ ମଙ୍ଗଳ କମିଟି ଦୀପ୍ତିମୟୀ ସାହୁ, ଶିଶୁ ମଙ୍ଗଳ କମିଟି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଇନ୍ସପେକ୍ଟର ଲଳିତା ପ୍ରଧାନ, ଫ୍ରଣ୍ଟ ଅଫିସ ରିଟେନର ସମ୍ମୁଖ କାର୍ଯ୍ୟାଳୟ ଜିଲା ଆଇନସେବା ପ୍ରାଧିକରଣ କୁଶ ସାହୁ, ପାରା ଲିଗାଲ ଭଲ୍ୟୁଣ୍ଟିୟର ଜିଲା ଆଇନସେବା ପ୍ରାଧିକରଣ ସତ୍ୟନାରାୟଣ ସିଂହ ସାମନ୍ତ ପ୍ରମୁଖ ଯୋଗଦେଇ ଯୌନ ଅପରାଧରୁ ସୁରକ୍ଷା ଆଇନ, ଆଇନ ଅନୁଯାୟୀ ଦୋଷୀକୁ ଦଣ୍ଡ, ସରକାରଙ୍କ ତରଫରୁ ପୀଡ଼ିତଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା, କିଶୋର ନ୍ୟାୟ ଆଇନ ଆଦି ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ଏହାସହିତ ସମ୍ବିଧାନରେ ସାମାଜିକ ଏବଂ ଆର୍ଥିକ ସ୍ତରରେ ପଛୁଆ ଥିବା ବ୍ୟକ୍ତିଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ସୁବିଧା ଜାତୀୟ, ରାଜ୍ୟ, ଜିଲା ଓ ତାଲୁକସ୍ତରରେ କାର୍ଯ୍ୟ କରୁଥିବା ଆଇନସେବାପ୍ରାଧିକରଣ ଓ କମିଟିମାନଙ୍କ ଦ୍ୱାରା ଯୋଗାଇ ଦିଆଯାଇଥାଏ। ଏହାବ୍ୟତୀତ ଲୋକ ଅଦାଲତ, ମଧ୍ୟସ୍ଥତା ଓ ଆପୋସ ବୁଝାମଣା ପରି ବିକଳ୍ପ ବିବାଦ ସମାଧାନ ସୂତ୍ର ମାଧ୍ୟମରେ ବିଚାରାଧୀନ ଓ ପ୍ରାକ୍ ମକଦ୍ଦମା ସ୍ତରର ବିବାଦର ଆଶୁ, ସହଜ ଓ ସରଳ ସମାଧାନ କରାଯାଏ ବୋଲି ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଦର୍ଶ ଆଇନ ମହାବିଦ୍ୟାଳୟ ଅନୁଗୋଳର ଛାତ୍ରୀଛାତ୍ର, ଅଧାପକ ଓ ଅଧାପିକାମାନେ ଅଂଶଗ୍ରହଣ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ଶିବିର ପରିଚାଳନା କରିଥିଲେ। ଆଦର୍ଶ ଆଇନ ମହାବିଦ୍ୟାଳୟ ଅନୁଗୋଳର ଅଧକ୍ଷ ଡ.ବିଭୂରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବରାତ୍ରୀ ପାଇଁ ପ୍ରସ୍ତୁତି ବୈଠକ

ବଉଣ୍ଡା,୧୮।୧ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ପାଇକସାହି କାଶୀବିଶ୍ୱନାଥ ମନ୍ଦିର ପରିସରରେ ଶିବରାତ୍ରି ଅନୁଷ୍ଠିତ ହେବ। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି କିନୁ ରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟ ଦେହୁରୀ, ଗ୍ରାମ ସଭାପତି ବିଶ୍ୱନାଥ ଗଡ଼ତିଆ, ସାରଥୀ ସାହୁ, କ୍ଷିତୀଶ ପ୍ରଧାନ, ଧୀରେନ୍ଦ୍ର ବୁଦେକ, ଧନେଶ୍ୱର ସାହୁ, ପ୍ରଶାନ୍ତ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। କିଭଳି ଶିବରାତ୍ରିକୁ ଧୁମଧାମରେ ପାଳନ କରାଯିବ ବୈଠକରେ ଆଲୋଚନା କରାଯାଇଥିଲା।



# ୧୮ ରୋଗୀଙ୍କ ନିଃଶୁଳ୍କ ଅସ୍ତ୍ରୋପଚାର

ରାସୋଳ,୧୮।୧ (ସରୋଜ ମିଶ୍ର)



ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ଗୁରୁବାର ୧୮ ଜଣ ଫାଇଲେରିଆ ରୋଗୀଙ୍କ ହାଇଡ୍ରୋସିଲ ଅସ୍ତ୍ରୋପଚାର କରାଯାଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ମିଶ୍ର ପ୍ରଥମେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ଜିଲାସ୍ତରୀୟ ସର୍ଜରି ବିଶେଷଜ୍ଞ ଡା. ସଂକଳ୍ପ କେଶରୀ ଭୋଳ, ଆନାସ୍ଥେସିଆ ବିଶେଷଜ୍ଞ ଡା. ତଅପୋଇ ଦାସ, ଅତିରିକ୍ତ ଜିଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ ଉପସ୍ଥିତ ରହି ଅସ୍ତ୍ରୋପଚାର କରିଥିଲେ। ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ନର୍ସିଂ ଅଫିସର ସୁକାନ୍ତି ଷଡ଼ଙ୍ଗୀ, ସସ୍ମିତା ନାଏକ, ଶୁଚିସ୍ମିତା ସାହୁ, ସୁନୀଲ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବାରିପଦା ସହରରେ ଦନ୍ତା ଆତଙ୍କ

# ହାତୀ ବନ୍ଦକଲା ୪ ସ୍କୁଲ

ବାରିପଦା,୧୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ହାତୀ ଆତଙ୍କ ଦେଖାଦେଇଛି। ଗୁରୁବାର ସକାଳେ ଏକ ଦନ୍ତାହାତୀ ବାଟବଣା ହୋଇ ସହର ମଧ୍ୟକୁ ପଶି ଆସିଥିଲା। ଏମ୍‌କେସି ହାଇସ୍କୁଲ ପାଚେରି ଭାଙ୍ଗି ଉତ୍ପାତ ଚଳାଇଥିଲା। ଛାତ୍ରାବାସରେ ରହୁଥିବା ପିଲାମାନେ ଭୟଭୀତ ହୋଇପଡ଼ିଥିଲେ। ଆଖପାଖରେ ଥିବା ୪ ସ୍କୁଲକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁବାର ସକାଳେ ଛୁଟି ଘୋଷଣା କରିଥିଲେ। ହାତୀଟି ସ୍କୁଲରୁ ବାହାରି ନିକଟସ୍ଥ ପେଟ୍ରୋଲ ପମ୍ପ ପାଖରେ ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ଲୋକେ ପ୍ରାଣ ଭୟରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ହାତୀକୁ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିବାରୁ ବନବିଭାଗକୁ ନାକେଦମ ହେବାକୁ ପଡ଼ିଥିଲା। ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ସଚେତନ କରୁଛନ୍ତି।

ଏହି ଦନ୍ତା ଖାଦ୍ୟ ଅନ୍ୱେଷଣରେ ଶିମିଳିପାଳ ଅଭୟାରଣ୍ୟରୁ ଚାଲି ଆସିଥିବା ଜଣାପଡିଛି। ହାତୀଟି ଫେରିବା ବାଟ ନ ପାଇ ସହର ମଧ୍ୟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ଦେଇ ବଡ଼ବଜାର ଅଞ୍ଚଳରେ ଅଟକି ରହିଥିଲା। ବାରିପଦା ବନଖଣ୍ଡର କର୍ମଚାରୀ ଓ ପୋଲିସ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦେଇଥିଲେ। ପରେ ହାତୀଟି ବୁଢ଼ାବଳଙ୍ଗ ନଦୀ ପାର ହୋଇ ବୁଢ଼ାରାଉଳ ମଠ ଦେଇ ଜଙ୍ଗଲ ମଧ୍ୟରେ ଅଟକି ରହିଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ହାତୀ ବାରିପଦା ସହରରେ ପ୍ରବେଶ କରୁଥିବା ନଜିର ରହିଛି। ପାଚିଲା ଧାନ କ୍ଷେତରୁ ଧାନ ଖାଇ ସହର ମଧ୍ୟକୁ ପ୍ରବେଶ କରିଥାନ୍ତି। ମାତ୍ର କିଛି ବର୍ଷ ହେଲା ହାତୀ ଆସିବା ପରେ ଫେରିବାର ନାଁ ଧରୁନାହାନ୍ତି। ଫଳରେ ହାତୀଙ୍କ ସଂଖ୍ୟା ବହୁଗୁଣରେ କମିଯାଇଛି ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ଅନୁଗୋଳ,୧୮।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ତାଳଚେର ଥାନା କଣ୍ଡାଳ ଗ୍ରାମସ୍ଥିତ ଜାତୀୟ ରାଜପଥ ୧୪୯ରୁ ଏକ ଡକାୟତି ଯୋଜନା ପଣ୍ଡ କରିଛି ପୋଲିସ। ଏଥିସହ ୫ ଜଣଙ୍କୁ ପୋଲିସ ଗିରଫ କରିଥିବାବେଳେ ୨ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳର ଶ୍ରବଣ ନାଏକ, ସାରଙ୍ଗର ଜଗନ ନାଏକ, ବିଶ୍ୱଜିତ ନାଏକ, ତାଳଚେର ଅଞ୍ଚଳର ରାହୁଲ ଜୈନ ଓ ସୌମ୍ୟରଞ୍ଜନ ରଥ। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ଓ ଗୋଟିଏ ନକଲି ବନ୍ଧୁକ, ଚାପଡ, ମୋବାଇଲ ଆଦି ଜବତ ହୋଇଥିବା ତାଳଚେର ପୋଲିସ ସୂଚନା ଦେଇଛି।

## ତୃଣମୂଳସ୍ତରରୁ ଦଳକୁ ମଜଭୁତ କର

କଣିହାଁ,୧୮।୧(ସଚ୍ଚିଦାନନ୍ଦ ପ୍ରଧାନ): କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଭାଜପା ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ଜଗମୋହନ ପ୍ରଧାନ ଯୋଗଦେଇ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରମୋଦ ପ୍ରଧାନ, ଭାସ୍କର ସାମଲ, ଭଗବାନ ସାହୁ, ହରିହର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବସନ୍ତ ବେହେରା, ବିଭୁତି ସ୍ୱାଇଁ, ଚିନ୍ତାମଣି ନାୟକ, ବିକ୍ରମ ପ୍ରଧାନ, ବାଣେଶ୍ୱର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ଏଟିଏମ୍ ଭାଙ୍ଗି ଲୁଟ୍ ଘଟଣା, ୮ ଗିରଫ

ବାଲେଶ୍ୱର, ୧୮।୧ (ମାନସ ବିଶ୍ୱାଳ)


ଏଟିଏମ୍ ଲୁଟ୍ ଘଟଣାରେ ଗିରଫ ୮ ଅଭିଯୁକ୍ତ।

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଏଟିଏମ୍ ଭାଙ୍ଗି ଲୁଟ୍ ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରିପାରିଥିବା ବେଳେ ଜଣେ ଫେରାର ଅଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ଗତ ୪ ତାରିଖ ମଧ୍ୟରାତ୍ରି ରେମୁଣା ଥାନା ଅଧୀନ ଦୁର୍ଗାଦେବୀ ବଜାର ଏବଂ ୨୦୨୩ ନଭେମ୍ବର ୨୮ ତାରିଖ ମଧ୍ୟରାତ୍ରିରେ ସଦର ଥାନା ଅଧୀନ ରସାଳପୁର ବଜାରରୁ ଏଟିଏମ୍ ଲୁଟିବାରେ ଅସମର୍ଥ ହୋଇଥିଲେ। ସିସିଟିଭି ଏବଂ ସାଇଣ୍ଟିଫିକ୍ ଟିମ୍ ଆଧାରରେ ପୋଲିସ ଉକ୍ତ ମାମଲାକୁ ଗୁରୁତର ଭାବେ ଗ୍ରହଣ କରି ତଦନ୍ତ ଜାରି ରଖିଥିଲା। ଏନେଇ ରେମୁଣା ଥାନାରେ ମାମଲା (ନଂ. ୩/୨୪) ଓ ସଦର ଥାନାରେ ମାମଲା (ନଂ. ୧୬/୨୪) ରୁଜୁ କରାଯାଇଥିଲା। ଏଟିଏମ୍ ଲୁଟିବା ପାଇଁ ଦୁର୍ବୃତ୍ତମାନେ କିଛିଦିନ ପୂର୍ବରୁ ଏଟିଏମ୍‌ର ପାରିପାର୍ଶ୍ୱିକ ଅବସ୍ଥା ଯାଞ୍ଚ କରିବା ପରେ ପ୍ରସ୍ତୁତ ହୋଇ ହାତରେ ବ୍ଲାକ ସ୍ପ୍ରେ, କଟର ପାଇପ, ଅକ୍ସିଜେନ ରେଗୁଲେଟର ଧରି ପହଞ୍ଚିଥାନ୍ତି। ବଜାର ଫାଙ୍କା ହେଲେ ଗ୍ୟାସ କଟର ସାହାଯ୍ୟରେ ଏଟିଏମ୍‌କୁ କାଟି ଟଙ୍କା ନେଇ ପଳାଇଥାନ୍ତି। ବିଭିନ୍ନ ସମୟରେ କୌଣସି କାରଣରୁ ସ୍ଥାନୀୟ ଲୋକଙ୍କ ନଜର ପଡ଼ିଲେ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥାନ୍ତି। ଦୁର୍ଗାଦେବୀ ବଜାରରେ ଏଟିଏମ୍ ଲୁଟ୍ କରୁଥିବା ବେଳେ ଲୋକମାନେ ଜାଣିପାରି ପାଟି କରିବାରୁ ଯନ୍ତ୍ରାଂଶଗୁଡ଼ିକ ଛାଡ଼ି ପଳାଇ ଯାଇଥିଲେ। ଏହି ଘଟଣାରେ ସାମିଲ ଥିବା ୯ଜଣଙ୍କ ମଧ୍ୟରୁ ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ କଇଁଧାରୀ ଅଞ୍ଚଳର ସଞ୍ଜୟ କୁମାର ଜେନା (୨୧), ତପସୀ ଗ୍ରାମର କାଳନ୍ଦୀ ବୈଇଠା (୩୭), ଟିଗିରିଆ ଅଞ୍ଚଳର ବାଦଲ ମାଝି(୬୦), ଝଗଡ଼ପାଡ଼ି ଅଞ୍ଚଳର ରାକେଶ କୁମାର ସାହୁ (୨୬) ଓ ସଇପୁର ଅଞ୍ଚଳର ଧର୍ମେନ୍ଦ୍ର ବାରିକ (୨୨) ଏବଂ ରେମୁଣା ଥାନା ଅଧୀନ ମନ୍ଦାରପୁର ଅଞ୍ଚଳର ବିଜୟ ଦାସ (୩୦) ଓ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ବଡ଼ସାହି ଗ୍ରାମର ଧର୍ମପଦ ଦାସ (୨୩) ଓ ବେତନଟୀ ଥାନା ଅଧୀନ ବଡ଼ଯୋଡ଼ ଅଞ୍ଚଳର ମନୋରଞ୍ଜନ ନାୟକ (୨୨) ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ସେମାନଙ୍କ ନିକଟରୁ ବ୍ଲାକ ସ୍ପ୍ରେ, କଟର ପାଇପ, ଅକ୍ସିଜେନ ରେଗୁଲେଟର, ଗୋଟିଏ ମୋଟରସାଇକେଲ, କ୍ରୋବାର, ୭ଟି ତେଲେଙ୍ଗା କଟୁରୀ ଓ ୭ଟି ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ସଦର ଥାନା, ରେମୁଣା ଥାନା ଓ ମୟୂରଭଞ୍ଜ ଜିଲାର ଖୁଣ୍ଟା ଥାନାରେ ଏକାଧିକ ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡ଼ିପିଓ ଶଶାଙ୍କ ଶେଖର ବେଉରିଆ, ସଦର ଥାନା, ରେମୁଣା ଥାନାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୭ ହଜାର ମେଟ୍ରିକ୍ ଟନ୍ ଲମ୍ପ୍‌ସ ଜବତ

ଯୋଡ଼ା,୧୮।୧(ମାନସ ମହାନ୍ତି)

## ଖଣି ବିଭାଗ ପକ୍ଷରୁ ଯାଞ୍ଚ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ାସ୍ଥିତ ଓଏମ୍‌ଡିସି ଖଣି(ଓଡ଼ିଶା ମିନେରାଲ୍ସ ଡେଭଲପମେଣ୍ଟ କମ୍ପାନୀ)ରେ ଖଣି ବିଭାଗ ଗୁରୁବାର ଯାଞ୍ଚ କରିଛି। ଏହି ସମୟରେ ବିଭାଗ ୭ ହଜାର ମେଟ୍ରିକ ଟନ୍ ଲମ୍ପ୍‌ସ ଜବତ କରିଥିବା ଜଣାପଡ଼ିଛି। ଚଞ୍ଚକତା୍‌କରି ଲୁହାପଥର ପରିବହନ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଓଏମ୍‌ଡିସି ଖଣିରୁ ଗୁଣ୍ଡ ଲୁହାପଥର ପରିବହନ ଅନୁମୋଦନ ପାଇଁ ପ୍ରସ୍ତୁତି କରୁଥିଲା। ମାତ୍ର ବଡ଼ଖଣ୍ଡ ଲୁହାପଥର (ଲମ୍ପ୍‌ସ) ପରିବହନ ପାଇଁ ଚଞ୍ଚକତା କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଉକ୍ତ ଖଣି ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଗୁରୁବାର ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର ଇଣ୍ଟରନାଲ ସ୍କ୍ୱାଡ୍ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଖଣିଜ ଷ୍ଟକ୍‌କୁ ଦେଖି ସନ୍ଦେହ ହେବାରୁ ଷ୍ଟକ୍‌କୁ ଖୋଳି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଗୁଣ୍ଡ ଲୁହାପଥର ଭିତରେ ବଡ଼ ଲୁହାପଥର ଥିବା ଯାଞ୍ଚକାରୀ ଦଳ ଦେଖିବାକୁ ପାଇଥିଲେ। ପରେ ବିଭାଗ ନଥିପତ୍ର ଓ ଷ୍ଟକ୍ ବୁକ୍‌କୁ ଯାଞ୍ଚ କରିଥିଲା। ଷ୍ଟକ୍ ବୁକ୍‌ରେ ବଡ଼ ଲୁହାପଥର ଦର୍ଶାଯାଇ ନ ଥିବା ଦେଖି ଖଣିରୁ ୭ ହଜାର ମେଟ୍ରିକ ଟନ୍ ବଡ଼ ଲୁହାପଥରକୁ ଜବତ କରିଥିଲା। ଏହାର ସମ୍ପୂର୍ଣ୍ଣ କାଗଜପତ୍ର ଖଣି କର୍ତ୍ତୃପକ୍ଷଙ୍କୁ ବିଭାଗ ମାଗିଥିବା ଜଣାପଡ଼ିଛି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି, କେତେଜଣ ପରିବହନ ଠିକାଦାର ଓ ସମ୍ପୃକ୍ତ ଖଣିର କେତେଜଣ ଅସାଧୁ କର୍ମଚାରୀଙ୍କ ଜ୍ଞାତସାରରେ ଏହି କାରବାର ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ରାଜ୍ୟ ସରକାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପାକ୍ସରେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁଡ଼୍‌ଭେଲା,୧୮।୧ (ମନୋଜ କୁମାର ଜୈନ)

## କଟ୍‌ନିକୁ ବିରୋଧ

■ ଦୁଇଦିନ ତଳେ ବଡ଼ଭାଇଙ୍କ ଟୋକନ ଲାପ୍‌ସ ହୋଇଥିଲା
■ ପ୍ରତିବାଦରେ ପାକ୍ସ ଘେରିଲେ ଚାଷୀ


ବିଷପାନ କରିବାକୁ ଉଦ୍ୟମ କରୁଥିବା ଚାଷୀଙ୍କଠାରୁ ବିଷ ବୋତଲ ଛଡାଇ ନିଆଯାଉଛି।

ବଲାଙ୍ଗୀର ଜିଲା ଗୁଡ଼୍‌ଭେଲା ବ୍ଲକ ଅନ୍ତର୍ଗତ ନୂଆପଡ଼ା ପାକ୍ସରେ ଗୁରୁବାର ଅଭାବନୀୟ ଘଟଣା ଘଟିଛି। ବିନା କଟ୍‌ନୀରେ ଧାନ ଉଠି ପାରିବନି ଜାଣିବା ପରେ ନୂଆପଡ଼ା ଗ୍ରାମର ଅଶୋକ ମେହେର(୩୫) ବିଷ ପିଇବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଚାଷୀମାନେ କୌଣସିମତେ ତାଙ୍କୁ ଏଥିରୁ ନିବୃତ୍ତ କରିଥିଲେ। ଏହାପରେ ଚାଷୀମାନେ ବିନା କଟ୍‌ନୀରେ ଧାନ ଉଠାଇବା ଦାବି କରି ପାକ୍ସ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ପାଇ କୋଅପରେଟିଭ ସୋସାଇଟି ଇନ୍ସପେକ୍ଟର ସୁମଜିତ ପ୍ରଧାନ ଓ ଆନାଲିସିସ ଟିମ୍‌ର ଜିଲା ଅଧିକାରୀ ସୁରେନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଉତ୍ତେଜନାମୂଳକ ପରିସ୍ଥିତିକୁ ଆଖି ଆଗରେ ରଖି ପାକ୍ସ ପରିସରରେ ପୋଲିସ ମୁତୟନ କରାଯାଇଛି। ସୂଚନା ମୁତାବକ ନୂଆପଡ଼ା ଗ୍ରାମର ଚାଷୀ ଅଶୋକ ମେହେରଙ୍କର ୨୨କୁଇଣ୍ଟାଲ ଧାନ ଗୁରୁବାର ଉକ୍ତ ମଣ୍ଡିରୁ ଉଠିବାର ଥିଲା। ଅପରାହ୍ନ ପ୍ରାୟ ୨ଟାରେ ସମ୍ପାଦିକା ମଣ୍ଡିକୁ ଆସିଥିଲେ। ଧାନରେ କଟ୍‌ନୀକୁ ନେଇ ଅଶୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ବ୍ୟଥିତ ହୋଇ ଅଶୋକ ସାଙ୍ଗରେ ଆଣିଥିବା ବିଷ ବୋତଲ ଖୋଲି ପିଇବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ଚାଷୀମାନେ ତାଙ୍କଠାରୁ ବିଷ(କୀଟନାଶକ) ବୋତଲ ଛଡାଇ ନେଇଥିଲେ। ଅନ୍ୟ ଏକ ଘଟଣାକ୍ରମରେ ଅଶୋକଙ୍କ ବଡ଼ଭାଇ ଅଜିତ ମେହେର ସମାନ ପ୍ରସଙ୍ଗକୁ ନେଇ ଗତ ୭ତାରିଖରେ ମଣ୍ଡିକୁ ଆଣିଥିବା ପ୍ରାୟ ୧୮କୁଇଣ୍ଟାଲ ଧାନ ମଙ୍ଗଳବାର ଧାର୍ଯ୍ୟ ତାରିଖରେ ଉଠି ପାରି ନ ଥିଲା। ଆନାଲିସିସ ଟିମ୍ ଧାନର ମାନ ଯାଞ୍ଚ କରି କୁଇଣ୍ଟାଲ ପିଛା ୨କେଜି କଟ୍‌ନୀ କରିବାକୁ କହିଥିବା ବେଳେ ପାକ୍ସ ସମ୍ପାଦିକା ମାନିନୀ ପ୍ରଧାନ କୁଆଡେ ୫କେଜି କଟ୍‌ନୀ କରିବାକୁ କହିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିଯୋଗୁ ତାଙ୍କର ଟୋକନ ଲାପ୍‌ସ ହୋଇଯାଇଥିଲା। ଏଥିରେ ଅଜିତ ମାନସିକଭାବେ ଆଘାତପ୍ରାପ୍ତ ହୋଇ ଅସୁସ୍ଥ ହୋଇ ପଡିଥିଲେ। ବୁଧବାର ରାତିରେ ପୁଅକୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିବା ଅଜିତଙ୍କ ବାପା ଶଙ୍କର ମେହେର କହିଛନ୍ତି। ବଡଭାଇଙ୍କର ଟୋକନ ଲାପ୍‌ସ ହେବା ଓ ସାନ ଭାଇ ଅଶୋକ ଧାନ ବିକ୍ରି କରି ନ ପାରି ଆତ୍ମହତ୍ୟା ଉଦ୍ୟମ କରିବା ଚାଷୀ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି।

ଚାଷୀ ଅଶୋକ ମେହେର କହିଛନ୍ତି ମୋ ଧାନର ମାନ ଠିକ୍ ଅଛି। ଏହାସତ୍ତ୍ୱେ ଧାନ ଉଠୁନାହିଁ। ଗୁରୁବାର ରାତି ୧୨ଟାରେ ତାଙ୍କର ଟୋକନ ଅବଧି ସରିଯିବ। ଏହି ସମୟରେ ଯଦି ତାଙ୍କର ଧାନ ନ ଉଠେ ତେବେ ସେ ନିଶ୍ଚିତଭାବେ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି। ପାକ୍ସ ସମ୍ପାଦିକା ପ୍ରଧାନ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସମ୍ପୃକ୍ତ ଚାଷୀଙ୍କ ଧାନର ମାନ ଠିକ୍ ନ ଥିବାରୁ ଏପରି ସମସ୍ୟା ହୋଇଥିବା କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୧୬ ବର୍ଷରୁ କମ୍...

କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ଉକ୍ତ କାଉନସେଲିଂ ବ୍ୟବସ୍ଥା ଛାତ୍ରୀଛାତ୍ର ଓ ସେମାନଙ୍କ ମାଆବାପାଙ୍କ ପାଇଁ ସହଜରେ ଉପଲବ୍ଧ ହେବ। ଏଥିପାଇଁ ନିୟୋଜିତ ମନସ୍ତତ୍ତ୍ୱବିତ୍, କାଉନ୍‌ସେଲର ଏବଂ ସେମାନେ କେତେ ସମୟ ସେବା ଦେବେ, ତାହା ପିଲାମାନଙ୍କୁ ଓ ସେମାନଙ୍କ ଅଭିଭାବକଙ୍କୁ ଜଣାଇଦିଆଯିବ। ଶିକ୍ଷକମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶିକ୍ଷଣ ପାଇଁ ପଠାଯାଇପାରେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। କୋଚିଂ ହବ୍ କୁହାଯାଉଥିବା କୋଟାରେ ଗତବର୍ଷ ବହୁସଂଖ୍ୟାରେ ଛାତ୍ର ଆତ୍ମହତ୍ୟା କରିବା ପରେ ସରକାର ଗାଇଡ୍‌ଲାଇନରେ ମାନସିକ ସୁସ୍ଥତା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ସେହିପରି ବିଭିନ୍ନ ପାଠ୍ୟକ୍ରମ ପାଇଁ ନିଆଯାଉଥିବା ଦେୟରେ ସ୍ୱଚ୍ଛତା ରହିବା ଆବଶ୍ୟକ। ଯଦି କେହି ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ଦେୟ ପୈଠ କରିବା ପରେ କୌଣସି କାରଣରୁ ଅଧାରୁ ପାଠପଢ଼ା ଛାଡ଼ନ୍ତି, ତେବେ ତାଙ୍କୁ ଅବଶିଷ୍ଟ ୧୦ ଦିନ ମଧ୍ୟରେ ଦେୟ ଫେରସ୍ତ କରିବାକୁ ହେବ। ଉକ୍ତ ଛାତ୍ର ଯଦି ହଷ୍ଟେଲରେ ରହୁଥିବେ ଏବଂ ଏଥିପାଇଁ ଦେୟ ଦେଇଥିବେ, ତାହା ମଧ ଫେରାଇବାକୁ ପଡ଼ିବ ବୋଲି ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି। କୋଚିଂ ସେଣ୍ଟର ଅତ୍ୟଧିକ ଦେୟ ଆଦାୟ କରୁଥିଲେ, ସେଥିପାଇଁ ଲକ୍ଷେ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯିବା ସହ ଏହାର ପଞ୍ଜୀକରଣକୁ ବାତିଲ କରାଯିବ। କାରଣ ଅତ୍ୟଧିକ ଦେୟ କାରଣରୁ ଅନେକ ସମୟରେ ଅହେତୁକ ଚାପର ବଶବର୍ତ୍ତୀ ହୋଇ ପିଲା ଆତ୍ମହତ୍ୟା କରୁଥିବା ଜଣାପଡ଼ିଛି। ଗାଇଡଲାଇନ କାର୍ଯ୍ୟକାରୀ ହେବାର ୩ ମାସ ମଧ୍ୟରେ ନୂଆ ଓ ପୁରୁଣା କୋଚିଂ ସେଣ୍ଟରଗୁଡ଼ିକର ପଞ୍ଜୀକରଣ ପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି। କୋଚିଂ ସେଣ୍ଟରଗୁଡ଼ିକ ଆବଶ୍ୟକ ପଞ୍ଜୀକରଣ ଯୋଗ୍ୟତା ପୂରଣ କରୁଛନ୍ତି କି ନାହିଁ ଏବଂ ସନ୍ତୋଷଜନକ କାର୍ଯ୍ୟ କରୁଛନ୍ତି କି ନାହିଁ, ତାହା ଅନୁଧାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିବ।

## ମିଶ୍ର ପ୍ରତିକ୍ରିୟା...

କୋଚିଂ ସେଣ୍ଟର ମୁଖ୍ୟ ସଂଯୁକ୍ତା ଷଡ଼ଙ୍ଗୀ କହିଛନ୍ତି, ପିଲାମାନେ ନିଜ ଶିକ୍ଷାନୁଷ୍ଠାନରେ ପାଠ ବୁଝିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ତେଣୁ ସେମାନେ ତାହାକୁ ଦୂରକରିବା ପାଇଁ କୋଚିଂ ସେଣ୍ଟରକୁ ଯିବାକୁ ଗୁରୁତ୍ୱ ଦିଅନ୍ତି। କେନ୍ଦ୍ର ସରକାର ପ୍ରଥମେ ସବୁ ଶିକ୍ଷାନୁଷ୍ଠାନରେ ଭଲ ଶିକ୍ଷକ ଅଛନ୍ତି କି ନାହିଁ ଦେଖନ୍ତୁ। ୧୬ବର୍ଷ ପୂର୍ବରୁ ଯଦି ପିଲାଟିଏ କୋଚିଂ ସେଣ୍ଟର ନ ଯିବ, ତା'ହେଲେ ସେ ଆଗକୁ ଆଉ ଯାଇପାରିବ ନାହିଁ। ଏସବୁ ଦେଖିଲେ ଏହି ଗାଇଡ୍‌ଲାଇନ ଯୁକ୍ତିଯୁକ୍ତ ନୁହେଁ ବୋଲି ସଂଯୁକ୍ତା କହିଛନ୍ତି। ଶହୀଦନଗରସ୍ଥିତ କ୍ୟାରିଅର ଆଙ୍କର କୋଚିଂ ସେଣ୍ଟର ମୁଖ୍ୟ ଗୀତଗୋବିନ୍ଦ ବେହେରା କହିଛନ୍ତି, କେନ୍ଦ୍ର ସରକାର ଜାରି କରିଥିବା ଗାଇଡ୍‌ଲାଇନ କିଛିମାତ୍ରାରେ ସ୍ୱାଗତଯୋଗ୍ୟ। ଅନେକ କୋଚିଂ ସେଣ୍ଟର ଭଲ ମାର୍କ ରଖିବାର ପ୍ରଲୋଭନ ଦେଖାଇ ଅଭିଭାବକଙ୍କୁ ଲୁଟିଥାନ୍ତି। ସେହିଭଳି ବିଜ୍ଞାପନ ମାଧମରେ ସଫଳ ଛାତ୍ରୀଛାତ୍ରଙ୍କ ମିଛ ଫଟୋକୁ ଦେଇ ପ୍ରଚାର କରନ୍ତି। ଏହି ଗାଇଡ୍‌ଲାଇନ ଆସିବା ପରେ ଏସବୁ ବନ୍ଦ ହୋଇଯିବ ବୋଲି ଆଶା କରୁଛି। ଜଣେ ଛାତ୍ରୀ ମାମାଲି ପାତ୍ର କହିଛନ୍ତି, ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କୋଚିଂ ସେଣ୍ଟରଗୁଡ଼ିକ ଯେଉଁ ପ୍ରଲୋଭନ ଦେଖାଇ ଅଭିଭାବକଙ୍କଠାରୁ ଲୁଟିଥାନ୍ତି ତାହା ବନ୍ଦ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୧୬ବର୍ଷରୁ କମ୍ ବୟସ୍କ ପିଲାଙ୍କୁ କୋଚିଂ ସେଣ୍ଟର ମନା ହୋଇଛି। ବହୁ ଘରୋଇ ସ୍କୁଲର ପ୍ରାୟ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବି କୋଚିଂ ସେଣ୍ଟରଗୁଡ଼ିକ ପ୍ରବର୍ତ୍ତାଇ ଆଣିଥାନ୍ତି। ଏହା ଏବେ ବନ୍ଦ ହୋଇଯିବ। ଶିକ୍ଷାବିତ୍ ଶରତ କର କହିଛନ୍ତି, କେନ୍ଦ୍ର ସରକାରଙ୍କ ଏପରି ଗାଇଡ୍‌ଲାଇନ୍ ପୂର୍ବରୁ କରିବାର ଥିଲା। କୋଚିଂ ସେଣ୍ଟର ପ୍ରଲୋଭନରେ ଯାଇ ଅଭିଭାବକମାନେ ପିଲାମାନଙ୍କୁ ଶିକ୍ଷାର ମେଶିନ ଭିତରେ ଭର୍ତ୍ତି କରିଦେଉଛନ୍ତି। ଏହାଦ୍ୱାରା ପିଲାର ମାନସିକତା ମରିଯାଉଛି। ସେହିଭଳି ସଫଳ ପିଲାଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ନିଜ ଶିକ୍ଷାନୁଷ୍ଠାନର ପିଲା ବୋଲି କହି ଯେଉଁ ବିଜ୍ଞାପନ କରୁଥିଲେ, ତାହା ମଧ ବନ୍ଦ ହୋଇଯିବ। ତେବେ ରାଜ୍ୟ ସରକାର ଏହାକୁ କିପରି ଗ୍ରହଣ କରି କୋଚିଂ ସେଣ୍ଟର ପ୍ରତି କାର୍ଯ୍ୟାନୁଷ୍ଠାନ ନେବେ ତାହା ଉପରେ ଏବେ ନଜର ରହିବ।

## ୨୨ରେ ଅଧାଛୁଟି...

ନିର୍ବାଚନମଣ୍ଡଳୀର ଲୋକଙ୍କ ପାଇଁ ଅଯୋଧା ଭ୍ରମଣ ବ୍ୟବସ୍ଥା କରାଇବେ ବୋଲି କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ, ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅବସରରେ ରାଜ୍ୟ ସରକାର ସରକାରୀ ଛୁଟି ଘୋଷଣା କରିଥିଲେ। ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଜାନୁୟାରୀ ୨୨ ତାରିଖକୁ ଛୁଟି ଘୋଷଣା କରିବାକୁ ବିରୋଧୀ ଦଳ ନେତା ଜୟ୍ ନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ତେବେ କେନ୍ଦ୍ର ସରକାର ଅଧାଦିନ ଛୁଟି ଘୋଷଣା କରିବା ପରେ ରାଜ୍ୟ ସରକାର ମଧ ଅନୁରୂପ ଛୁଟି ଘୋଷଣା କରିଛନ୍ତି।

## ଯମଜ ଶିଶୁଙ୍କ ଜୀବନ...

ଡାକିଥିଲେ। ଖୋଜାଖୋଜି ପରେ ଉକ୍ତ କୂଅ ଭିତରେ ଝିଅପୁଅଙ୍କ ମୃତଦେହ ଭାସୁଥିବା ପରିବାର ଲୋକେ ଦେଖି ଉଭୟଙ୍କୁ ଉଦ୍ଧାର କରି ବନ୍ତଳା ମେଡିକାଲ ନେଇଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ବନ୍ତଳା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଘଟଣାର ତଦନ୍ତ କରାଯାଉଥିବା ବେଳେ ଗୁରୁବାର ଭୋର ସମୟରେ ତପସ୍ୱିନୀ ସ୍ୱାମୀ ସୁନୀଲଙ୍କ ଆଗରେ ନିଜେ ଏପରି ଘଟଣା ଘଟାଇଥିବା ସ୍ୱୀକାର କରିଥିଲେ। ଏ ନେଇ ସୁନୀଲଙ୍କଠାରୁ ଖବର ପାଇ ପୋଲିସ ତପସ୍ୱିନୀଙ୍କୁ ଉଠାଇ ଆଣି ପଚରା ଉଚରା କରିଥିଲା। ଏସ୍‌ପିଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ସ୍ୱତନ୍ତ୍ର ଟିମ୍ ସହ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରିଥିଲା। ସୁନୀଲଙ୍କ ଅଭିଯୋଗ କ୍ରମେ ନଂ. ୩୨/୨୪ରେ ମାମଲା ରୁଜୁ କରାଯାଇଥିଲା। ତଦନ୍ତରୁ ତପସ୍ୱିନୀଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ପିଲା ଜନ୍ମ କରିବା ପରେ ତପସ୍ୱିନୀଙ୍କ ଶାରୀରିକ ଓ ମାନସିକ ଅବସ୍ଥା ଭଲ ନ ଥିଲା। କିଛି ଦିନ ପୂର୍ବରୁ ସେ ଆତ୍ମହତ୍ୟା କରିବାକୁ ମଧ ଯୋଜନା କରିଥିବା ତଦନ୍ତରୁ ଜଣାପଡ଼ିଥିବା ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

**ଦୁର୍ଘଟଣା ପରେ ରାଜପଥ ଅବରୋଧ**

ଭୁବନ,(ବିପିନ ବିହାରୀ ସେଠୀ): ଢେଙ୍କାନାଳ ଜିଲା ଭୁବନ ଥାନା ସାମଲ ଛକ ନିକଟସ୍ଥ ଜାତୀୟ ରାଜପଥ ୫୩ରେ ଗୁରୁବାର ଅପରାହ୍ନରେ ଗାଡ଼ି ଧକ୍କାରେ ୪ଟି ଗୋରୁଙ୍କ ମୃତ୍ୟୁ ପରେ ଉତ୍ତେଜନା ଦେଖାଦେଇଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଅଣ୍ଡରପାସ୍ ନିର୍ମାଣ କରିବା ସହିତ ମୃତ ଗୋରୁ ମାଲିକମାନଙ୍କୁ କ୍ଷତିପୂରଣ, ଟ୍ରକ୍ ଚାଳକକୁ ଗିରଫ କରିବା ଦାବିରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଖବରପାଇ ଭୁବନ ଥାନା ଅଧିକାରୀ ନରେଶ କୁମାର ସାହୁ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ୨୦୨୩ରେ ହ୍ରାସ ପାଇଛି ଦୁର୍ଘଟଣା

■ମୃତ୍ୟୁ ହାର କମିଛି, ଆହତଙ୍କ ସଂଖ୍ୟା ବଢ଼ିଛି
■ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାରେ ଲାଗିଲା ସୋଲାର ରେଡ୍ ଲାଇଟ୍

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଉପସ୍ଥିତ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର କହିଥିଲେ, ୨୦୨୨ ତୁଳନାରେ ୨୦୨୩ ବର୍ଷ ଡିସେମ୍ବର ମାସ ଶେଷ ସୁଦ୍ଧା ଜିଲାରେ ସଡ଼କ ଦୁର୍ଘଟଣା ସହ ଦୁର୍ଘଟଣାଜନିତ ମୃତ୍ୟୁହାର କମିଛି। କିନ୍ତୁ ଆହତଙ୍କ ସଂଖ୍ୟା ବଢ଼ିଛି। ଏଥିସହ ୫୫ନଂ ଜାତୀୟ ରାଜପଥରେ ଅଧିକ ଦୁର୍ଘଟଣା ଘଟିଛି। ୨୦୨୧ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ୩୬୭ ଦୁର୍ଘଟଣାରେ ୧୩୯ ଜଣଙ୍କ ମୃତ୍ୟୁ ହୋଇଥିଲା। ୩୬୮ ଜଣ ଆହତ ହୋଇଥିଲେ। ୨୦୨୨ରେ ୪୬୧ ଦୁର୍ଘଟଣାରେ ୨୦୫ ଜଣଙ୍କ ଜୀବନ ଯାଇଥିବା ବେଳେ ୩୩୮ ଜଣ ଆହତ ହୋଇଥିଲେ। ୨୦୨୩ ଜାନୁଆରୀରୁ ଡିସେମ୍ବର ସୁଦ୍ଧା ୪୦୫ଟି ଦୁର୍ଘଟଣା ଘଟି ୧୮୫ ଜଣଙ୍କ ମୃତ୍ୟୁ ହୋଇଛି। ୪୦୩ ଜଣ ଆହତ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଜିଲାର ଢେଙ୍କାନାଳରୁ ସପ୍ତଶଯ୍ୟା ଦେଇ ଶଙ୍କରପୁର ରାସ୍ତାରେ ପୂର୍ତ୍ତ ବିଭାଗ ପକ୍ଷରୁ ସୋଲାର ବ୍ଲିଙ୍କିସ୍ ତଥା ରେଡଲାଇଟ୍ ଜନଗହଳି ସ୍ଥାନମାନଙ୍କରେ ଲଗାଯାଇଛି। ଏଥିସହିତ ଉକ୍ତ ସ୍ଥାନଗୁଡ଼ିକରେ ଟ୍ରକ୍, କାର୍ ଓ ମୋଟର ବାଇକ୍‌ର ବେଗ କମାଇବା ସମ୍ପର୍କିତ ସାଇନେଜ ଲଗାଯାଇଥିବା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ସୂଚନା ଦେଇଥିଲେ। ସହରସ୍ଥିତ ରାମେଶ୍ୱରପୁର ଓଭରବ୍ରିଜ୍ ଶେଷରେ ଟ୍ରାଫିକ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କହିଥିଲେ। ସେହିପରି କଟକରୁ ଅନୁଗୋଳ ମଧ୍ୟରେ ଜାତୀୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ଦ୍ରୁତ ଗତିରେ ଜାରି ରହିଛି ଏବଂ ସୁରକ୍ଷା ସୂଚନା ଫଳକ ଲଗାଯାଇଥିବା ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଅର୍ପିତ ମାଲବ ସୂଚନା ଦେଇଥିଲେ। ସେହିପରି ଢେଙ୍କାନାଳ କଲେଜ ବାଇପାସ ଓ କୋରିଆଁ ବାଇପାସ ସହର ମଧ୍ୟକୁ ଆସିଥିବା ରାସ୍ତାରେ ଯାନବାହନ ବେଗ ହ୍ରାସ କରିବା ସହିତ ସୂଚନା ଫଳକ ଲଗାଇବା ପାଇଁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ। ସହରସ୍ଥିତ ବ୍ରଜନାଥ ବଡଜେନା ହାଇସ୍କୁଲ ଛକଠାରେ ମଧ୍ୟ ସଡ଼କ ସୁରକ୍ଷା ସମ୍ପର୍କିତ ସୂଚନା ଫଳକ ଲଗାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସଡ଼କ ସୁରକ୍ଷା କମିଟି ସଭ୍ୟ ବିରଞ୍ଚି ନାରାୟଣ ପାଣି, ପ୍ରଦ୍ୟୁମ୍ନ ରଥ, ରୁଦ୍ର ନାରାୟଣ ତ୍ରିପାଠୀ, ପ୍ରଭାକର ବେହେରା ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ।




ଢେଙ୍କାନାଳ-ଶଙ୍କରପୁର ପୂର୍ତ୍ତ ବିଭାଗ ରାସ୍ତାରେ ଯାନବାହନ ବେଗ ସମ୍ପର୍କିତ ସୂଚନା ଫଳକ ଓ ସୋଲାର ରେଡ୍ ବ୍ଲିଙ୍କିସ୍ ଲାଇଟ ଲଗାଯାଇଛି।

## ଦଳିତ ଯୁବକଙ୍କୁ ଆକ୍ରମଣର ୫ଦିନ ବିତିଲା

# ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ରେଙ୍ଗେୟାପାଳ ଅଞ୍ଚଳରେ ଜଣେ ଦଳିତ ଯୁବକଙ୍କୁ ଗତ ୧୫ ତାରିଖରେ ବ୍ରାହ୍ମଣ ସାହିର କେତେଜଣ ବ୍ୟକ୍ତି ଜାତିଆଣ ଆକ୍ଷେପ କରିବା ସହିତ ଖୁଣ୍ଟରେ ବାନ୍ଧି ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଦଳିତ ଯୁବକ ନୀଳମଣି ନାୟକ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନୀଳମଣିଙ୍କ ପରିବାର ଏ ସଂକ୍ରାନ୍ତରେ ଭାପୁର ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ମାମଲା କରାଯାଇ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏଣେ ମାମଲା ନ କରିବା ପାଇଁ ଅଭିଯୁକ୍ତମାନେ ଧମକଚମକ ଦେଉଥିବାରୁ ଗୁରୁବାର ଅପରାହ୍ନରେ ନୀଳମଣିଙ୍କ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ଘଟଣାକୁ ନେଇ ମାମଲା ରୁଜୁହୋଇ ତଦନ୍ତ ଜାରି ରହିଛି।

# ଜିଲାପାଳଙ୍କ ଅଚାନକ ପୌର କାର୍ଯ୍ୟାଳୟ ପରିଦର୍ଶନ

■ଉପସ୍ଥାନ ରେଜିଷ୍ଟରରେ ନାଲିଗାର ପକାଇଲେ
■ମୁଖ୍ୟ କିରାଣିଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ, କର୍ମଚାରୀଙ୍କୁ ତାଗିଦ୍ କଲେ

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଗୁରୁବାର ପୂର୍ବାହ୍ନ ୧୦ଟା ୧୫ରେ ଅଚାନକ ପୌର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଉକ୍ତ ସମୟରେ ପ୍ରାୟ ୭ରୁ ୮ କର୍ମଚାରୀ ଅନୁପସ୍ଥିତ ଥିବା ବେଳେ ଏ ସଂକ୍ରାନ୍ତରେ ଉପସ୍ଥାନ ରେଜିଷ୍ଟରରେ କର୍ମଚାରୀମାନଙ୍କ ଅନୁପସ୍ଥିତ ଦେଖାଯାଇ ନ ଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିବା ସହିତ ସେଥିରେ ନାଲିଗାର ପକାଇ ଦେଇଥିଲେ। ଅଧିକାଂଶ ଦିନ ଉପସ୍ଥାନ ରେଜିଷ୍ଟରକୁ ଠିକ୍ ଭାବରେ ପରିଚାଳନା କରାଯାଉ ନ ଥିବା ଜାଣିବାକୁ ପାଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ମୁଖ୍ୟ କିରାଣିଙ୍କୁ ତାଗିଦ କରିବା ସହ ତାଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ଭାବରେ ଆସୁ ନ ଥିବା କର୍ମଚାରୀଙ୍କ ସମ୍ପର୍କରେ ଉପସ୍ଥାନ ଖାତାରେ ଠିକ୍ ଭାବରେ ଲେଖାଯାଉ ନ ଥିବା ଜଣାପଡିଥିଲା। କେତେଜଣ କର୍ମଚାରୀ କାର୍ଯ୍ୟାଳୟକୁ ଆସୁ ନ ଥିବା ବେଳେ ସେମାନଙ୍କ ସମ୍ପର୍କରେ ମଧ୍ୟ କୌଣସି ସୂଚନା ରହୁ ନ ଥିଲା। ଫଳରେ କାର୍ଯ୍ୟାଳୟ ଅବ୍ୟବସ୍ଥା ମଧ୍ୟରେ ଚାଲୁଥିବା ଜଣାପଡିଥିଲା। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷ ଜାଣି ଅଜଣା ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଆଗାମୀ ଦିନରେ ବ୍ୟବସ୍ଥିତ ଭାବରେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁପରିଚାଳନା କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। କାର୍ଯ୍ୟାଳୟରେ ଜିଲାପାଳ ୧୦ଟା ୧୫ରୁ ୧୦ଟା ୪୫ ମିନିଟ୍ ପର୍ଯ୍ୟନ୍ତ ରହିଥିବା ଜଣାପଡିଥିଲା।




# ଅଗ୍ନିକାଣ୍ଡରେ ୫ ବଖରା ଜଳିଗଲା

ଭୁବନ,୧୮।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଏକତାଳି ପଞ୍ଚାୟତ ନିମେଇପୁର ଗ୍ରାମରେ ବୁଧବାର ରାତିରେ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ୪ ପରିବାରର ୫ ବଖରା ଘର ପୋଡ଼ିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଟଙ୍କା, ସୁନା ଅଳଙ୍କାର ଆଦି ଜଳିଯାଇଥିବାରୁ ଗ୍ରାମର ସୁରେଶ ବେହେରା, ଜଗବନ୍ଧୁ ବେହେରା, ସିପ୍ର ଚରଣ ରାଉତ ଓ ଗୁନା ରାଉତ ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଖବରପାଇ ଭୁବନ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ସେତେବେଳକୁ ସର୍ବସ୍ୱ ଜଳି ଯାଇଥିଲା। ଭୁବନ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଜିଲାପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଅମୂଲ୍ୟ ଦିବେଦୀ ଓ ନନ୍ଦକିଶୋର ବେହେରା ପହଞ୍ଚି ସହାୟତା ପ୍ରଦାନ କରିଥିଲେ। ଯଥାଶୀଘ୍ର ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ତହସିଲଦାର ଓ ଉପଜିଲାପାଳଙ୍କୁ ଅବଗତ କରାଯାଇଛି।


ଅଗ୍ନି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

# ଓଡ଼ିଆ ଭାଷା ପ୍ରତି ଅନୁରକ୍ତି, ଅନୁରାଗସୃଷ୍ଟି ହେବା ଉଚିତ


ଢେଙ୍କାନାଳ କଲେଜରେ ଆଲୋଚନାଚକ୍ର ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଗୁରୁବାର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଶା ଭାଷା ଉନ୍ମେଷ ଓ ବିକାଶ ସମ୍ପର୍କିତ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ଅଧ୍ୟାପିକା ମଞ୍ଜୁଲିକା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ନୋଡାଲ ଅଫିସର ଡ. ଦେବାଶିଷ ମହାନ୍ତି ଓ ଡ. ଦେବରାଜ ପରିଡା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ନୋଡାଲ ଅଫିସର ଡ. ଅମୃତ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଶିଶିର ବେହେରା, ସମ୍ମାନିତ ବକ୍ତା ଭାବେ ଡ. ନିର୍ମଳ ଶତପଥୀ ଯୋଗ ଦେଇ ଓଡ଼ିଆ ଭାଷା ପ୍ରତି ଅନୁରକ୍ତି ଓ ଅନୁରାଗ ସୃଷ୍ଟି ହେବା ଉଚିତ ବୋଲି ମତବକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବକ୍ତୃତା ପ୍ରତିଯୋଗିତା ଓ ଅପରାହ୍ନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ୨ ନୋଡାଲ ଅଫିସର ଡ. ରବର୍ଟ ୱିଲସନ ବତ୍ରା, ଡ. ଶୁଭକାନ୍ତ ପାଣି, ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟର ମାନ ଯାଞ୍ଚ କଲେ ଆୟୋଗ ସଦସ୍ୟ

କାମାକ୍ଷାନଗର,୧୮।୧(ସୁଧୀର କୁମାର ପରିଡ଼ା)

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ଗୁରୁବାର ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସିବଳାପଶି, ତାସିରି ସାହି (ବାଉଁଶପାଳ ମଝିସାହି), ଲେମ୍ବୁ ପାଳସାହି, ପୁରୁଣାପାଣି, ବାଉଁଶପାଳ (କ), ବାଉଁଶପାଳ(ଖ), ବାଙ୍ଗୁରା(ଖ) ଅଙ୍ଗନୱାଡି କେନ୍ଦ୍ର ଏବଂ ବାଉଁଶପାଳ ତାସିରିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଉଁଶପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋପୀଗାଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଶିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ବଙ୍ଗୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଦୁଅ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଭାଗୀରଥିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ବାଉଁଶପାଳ ମାଝିସାହି ଅଙ୍ଗନୱାଡି କେନ୍ଦ୍ରରେ ସକାଳ ଜଳଖିଆ ଦିଆଯାଇ ନ ଥିବା ସଦସ୍ୟ ଦେଖିବାକୁ ପାଇଥିଲେ। ବାଉଁଶପାଳ ତାସିରି ସାହି ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳର ସୁବିଧା ନ ଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ଭାଗୀରଥିପୁର ଉଚ୍ଚ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଖରାରେ ଛିଡା କରି ପାଚିକାମାନେ ଦେଉଥିବା ଓ ହାତ ଧୋଇବା ସ୍ଥାନରେ ସାବୁନ ନ ଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ।

# ଶିରିଡ଼ି ଧାମରେ ପାଲିଙ୍କି ଶୋଭାଯାତ୍ରା


ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଶିରିଡ଼ି ଧାମରେ ପାଲିଙ୍କି ଶୋଭାଯାତ୍ରା।

ଢେଙ୍କାନାଳ,୧୮।୧(ରତନ ନାୟାର)

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ଶିରିଡ଼ି ଧାମରେ ଗୁରୁବାର ଏକ ବିଶାଳ ପାଲିଙ୍କି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ ଗୋଣ୍ଡବା ମନ୍ଦିରରୁ ପୂଜାର୍ଚ୍ଚନା ସହିତ ସାଇବାବାଙ୍କ ଲଘୁ ଆରତି କରାଯାଇ ପାଲିଙ୍କି ଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରା ଶିରିଡି ଗ୍ରାମ ପରିକ୍ରମା କରି ଶେଷରେ ସାଇ ସଂସ୍ଥାର ସମାଧି ମଣ୍ଡପରେ ପାଲିଙ୍କି ପହଞ୍ଚିବା ପରେ ବାବାଙ୍କ ପ୍ରତିମୂର୍ତ୍ତି, ପାଦୁକା ଆଦି ମନ୍ଦିର ଭିତରକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ଢେଙ୍କାନାଳର ୧୮୦ ଜଣ ସଦସ୍ୟ ସାମିଲ ହୋଇଥିଲେ। ମହାରାଷ୍ଟ୍ରର ପ୍ରସିଦ୍ଧ ଚାଙ୍ଗୁଡି ବାଜା ସହିତ ରଥ ପରିକ୍ରମା ମୁଖ୍ୟ ଆକର୍ଷଣ ସାଜିଥିଲା। ଏଥିସହିତ ଶ୍ରଦ୍ଧାଳୁମାନେ ତ୍ରିମ୍ବକେଶ୍ୱର ଜ୍ୟୋର୍ତିର୍ଲିଙ୍ଗ ସମେତ ଭୁଷଣ୍ଡେଶ୍ୱର ଓ ଅନେକ ତୀର୍ଥସ୍ଥଳୀ ଭ୍ରମଣ କରିଥିଲେ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି।

# ପଥର ଖଣି ପାଣିରୁ ମୃତଦେହ ଜବତ

ସାତମାଇଲ,୧୮।୧ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ବଦାଲୁ ପଞ୍ଚାୟତ ଅଧୀନ ଜାମୁଚକଟା ଗ୍ରାମ ନିକଟସ୍ଥ ଏକ ପୁରୁଣା ପଥର ଖଣି ପାଣିରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଗତ ୧୬ ତାରିଖରେ ଜାମୁଚକଟା ଗ୍ରାମର ଅଗାଧୁ ମହାରଣା (୬୫) ଶୌଚ ପାଇଁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ପଥର ଖଣି ପାଣିରେ ମୃତଦେହ ଭାସୁଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ମୋଟଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସମୂହ ଛୁଟିରେ ଗଲେ ପ୍ରାଣୀ ଚିକିତ୍ସକ

ଢେଙ୍କାନାଳ,୧୮।୧(ରତନ ନାୟାର)

ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ତରଫରୁ ଦୀର୍ଘବର୍ଷ ଧରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଉଦାସୀନ ମନୋଭାବ ରଖିଥିବା ଅଭିଯୋଗ କରି ଗୁରୁବାର ଠାରୁ ଢେଙ୍କାନାଳ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଯାଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି, ସମଗ୍ର ରାଜ୍ୟର ପ୍ରାଣୀ ପାଳକମାନଙ୍କ ସାମୂହିକ ଉନ୍ନତି ପାଇଁ ପ୍ରାଣୀ ଚିକିତ୍ସା ସେବାର ସମ୍ପୂର୍ଣ୍ଣ ରୂପାନ୍ତରଣ, ଡାକ୍ତରଙ୍କ କ୍ୟାଡର୍ ପୁନର୍ଗଠନ, କେନ୍ଦ୍ରୀୟ ହାରରେ ଡିଏସିପି ଓ ଏନ୍‌ପିଏ, ନିଃଶୁଳ୍କ, ନିରାମୟ ଓ ନିରନ୍ତର ପ୍ରାଣୀ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଇଛି। ଏହିସବୁ ଦାବି ତଥା ପ୍ରସ୍ତାବଗୁଡିକୁ ସରକାର ଯଥାଶୀଘ୍ର ଦୃଷ୍ଟିକୁ ନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ସଂଘ ଅନୁରୋଧ କରିଛି। ପୂର୍ବ ନିଷ୍ପତ୍ତି ଅନୁସାରେ ଜାନୁଆରୀ ୧୭ ତାରିଖ ମଧ୍ୟରେ ସରକାର ଦାବିଗୁଡିକୁ ବିଚାର କରି ବିଜ୍ଞପ୍ତି ପ୍ରକାଶ ନ କରିବାରୁ ୧୮ ତାରିଖରୁ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଛୁଟିରେ ଯାଇଛନ୍ତି। ତେଣୁ କୃଷକ ଏବଂ ପ୍ରାଣୀ ପାଳକମାନଙ୍କ ଅସୁବିଧା ପାଇଁ ସଂଘ ଦୁଃଖ ପ୍ରକାଶ କରିବା ସହିତ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।


ସମୂହ ଛୁଟିରେ ଯାଇଥିବା ପ୍ରାଣୀ ଚିକିତ୍ସକମାନେ।

# ମା’ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ

ଢେଙ୍କାନାଳ,୧୮।୧(ରତନ ନାୟାର)

ସମ୍ବଲପୁରସ୍ଥିତ ମା’ ସମଲେଇ ପ୍ରକଳ୍ପର ଶୁଭ ଲୋକାର୍ପଣ ଉତ୍ସବ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଗୁରୁବାର ମଧ୍ୟାହ୍ନରେ ସମ୍ବଲପୁରସ୍ଥିତ ଶ୍ରୀଶ୍ରୀ ମା’ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ମନ୍ଦିର ପୂଜକ ପ୍ରକାଶ ରାୟ ଓ ନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀ ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳ ମନୋରଞ୍ଜନ ମଲ୍ଲିକ ଓ ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ରଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ଜିଲା ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ମା’ ସମଲେଶ୍ୱର ମନ୍ଦିରର ପୂଜକ ଓ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।


ମା’ ସମଲେଇ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଜିଲା ପ୍ରଶାସନକୁ ନିମନ୍ତ୍ରଣ କରାଯାଉଛି।

# ସରସ ସୁନ୍ଦର କରିବାକୁ ସହଯୋଗ ଆହ୍ୱାନ

**କାମାକ୍ଷାନଗର ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ**

କାମାକ୍ଷାନଗର,୧୮।୧(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହୋତ୍ସବ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ ତଥା ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ପ୍ରକାଶ ଯେ, ଆସନ୍ତା ୨୮ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଏହି ମହୋତ୍ସବ ସାରଙ୍ଗଧର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଜ୍ୟ ଓ ରାଜ୍ୟ ବାହାର ନାମୀଦାମୀ କଳାକାରଙ୍କୁ ମହୋତ୍ସବକୁ ଆମନ୍ତ୍ରିତ କରାଯାଇ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଥିଲା। ଆନୁଷ୍ଠାନିକ ଭାବେ ଆସନ୍ତା ୨୧ରୁ ମହୋତ୍ସବ ଆରମ୍ଭ ହେବ। ୨୧ ତାରିଖରେ ପ୍ରତ୍ୟେକ ବ୍ଲକରୁ ମଶାଲ ଶୋଭାଯାତ୍ରା ଆସି କାମାକ୍ଷାନଗର ହନୁମାନ ମନ୍ଦିରରେ ପହଞ୍ଚିବା ପରେ ମଶାଲ ସହର ପରିକ୍ରମା କରି ସାରଙ୍ଗଧର ଷ୍ଟାଡିୟମରେ ପହଞ୍ଚିବ। ୨୨ ତାରିଖରେ ସଡ଼କ ସୁରକ୍ଷା ସଚେତନତା, ୨୩ରେ ରାହାଗିରି, ୨୪ରେ ପରିବେଶ ସୁରକ୍ଷା, ୨୫ରେ ସ୍ୱାସ୍ଥ୍ୟ ଓ ଭୋଟର ସଚେତନତା ଏବଂ ମାରାଥନ ଅନୁଷ୍ଠିତ ହେବ। ଏଥିସହ ୨୧ରୁ ୨୭ ତାରିଖ ଯାଏ କ୍ରୀଡ଼ା ମହୋତ୍ସବ କରାଯାଇ ସାରଙ୍ଗଧର ଷ୍ଟାଡିୟମରେ ଫୁଟବଲ, କ୍ରିକେଟ, କବାଡି, ଭଲିବଲ ମ୍ୟାଚ ଅନୁଷ୍ଠିତ ହେବ। ମହୋତ୍ସବ ସମୟରେ ପଲ୍ଲିଶ୍ରୀ ମେଳା, ମିନା ବଜାର ଆଦି ହେବାକୁ ସ୍ଥିର ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, କାମାକ୍ଷାନଗର ବିଡିଓ ଅବିନାଶ ପାଣ୍ଡିଆ, ଡେପୁଟି କଲେକ୍ଟର ଡ. ତୃପ୍ତିମୟୀ ପ୍ରଧାନ, ସହକାରୀ ଜିଲାପାଳ ମଦନ ମୋହନ ଜେନା, ଦୀପକ କୁମାର ମିଶ୍ର, ଅର୍ଚ୍ଚନା ଗୌଡ, ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧିଙ୍କ ସହ ଅଧିକାରୀମାନେ।

# ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ

କାମାକ୍ଷାନଗର,୧୮।୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତ ଡଙ୍ଗାପାଳ ଗ୍ରାମର ମା’ ମଙ୍ଗଳା ପୀଠ ପ୍ରାଙ୍ଗଣରେ ଦାତ୍ରୀ କୃଷକ ଉତ୍ପାଦକ କମ୍ପାନୀର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଏଓ କାର୍ତ୍ତିକ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏଏଚ୍‌ଓ ଅଳକା ସେଠୀ, କରଗୋଳା ସରପଞ୍ଚ ତାପସ ରଞ୍ଜନ ପାଣି, କେରଜୋଳି ପଞ୍ଚାୟତ ସରପଞ୍ଚ ରାଜ କିଶୋର ସାହୁ, ନିର୍ଦ୍ଦେଶକ ଅଭୟ କୁମାର ସିଂହ, ପୂର୍ଣ୍ଣିମା ସାହୁ, ନଳିନୀ ମହାନ୍ତ, କବିତା କବି, ଧରଣୀ ଧର ମହାନ୍ତ, ସିଇଓ ବିଭୂତି ଭୂତିଆ, ଲକୁନ କୁମାର ସାହୁ ଯୋଗ ଦେଇଥିଲେ। ଦାତ୍ରୀ ଏଫ୍‌ପିଓ ସଂସ୍ଥାର ସଫଳତା ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇ ହିତାଧିକାରୀ, ସଦସ୍ୟ ଏବଂ ପ୍ରମୁଖ ପ୍ରତିନିଧିମାନଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଦାତ୍ରୀ ଏଫ୍‌ପିଓ ବିଗତ ବର୍ଷରେ ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟକୁ ଆଲୋକିତ କରିବା ସହିତ ସ୍ଥାନୀୟ କୃଷକମାନଙ୍କୁ ପ୍ରଶଂସା କରିଥିଲେ। କୃଷକ ସମ୍ପ୍ରଦାୟର ବିକାଶରେ ସହଯୋଗ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ସଭାପତିତ୍ୱ କରିଥିବା ନିର୍ଦ୍ଦେଶକ ଅଭୟ କୁମାର ସିଂହ କହିଥିଲେ।


ବୈଠକରେ ମଞ୍ଚାସୀନ କମ୍ପାନୀର ଅଧିକାରୀମାନେ।

# ଶିକ୍ଷାବିତ୍ ବାଳକୃଷ୍ଣ ପ୍ରଧାନଙ୍କ ପରଲୋକ



ଛେଣ୍ଡିପଦା,୧୮ା୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକର ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ବାଳକୃଷ୍ଣ ପ୍ରଧାନ (୯୩)ଙ୍କ ବାଗଡିଆ ଛକ ସ୍ଥିତ ବାସଭବନରେ ଗୁରୁବାର ପରଲୋକ ହୋଇଯାଇଛି । ସେ ପୂର୍ବତନ ପ୍ରଧାନଶିକ୍ଷକ, ରାଜ୍ୟସ୍ତରୀୟ ଆଦର୍ଶ ଶିକ୍ଷକ, ସମାଜସେବୀ, ଆଧ୍ୟାତ୍ମବାଦୀ, ମିଷ୍ଟଭାଷୀ ଓ ମେଳାପୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ସେ ବହୁ ସାମାଜିକ, ସାଂସ୍କୃତିକ, ସାହିତ୍ୟାନୁଷ୍ଠାନ ପ୍ରତିଷ୍ଠା କରିବା ସହିତ ବାଗଡିଆ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ବର୍ଷ ହେବ ପ୍ରଧାନ ଶିକ୍ଷକ, ସର୍କଲ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ସମ୍ମାନାର୍ଥେ ବାଗଡ଼ିଆ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ଏହି ଖବରପାଇ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ

ଆଠମଲ୍ଲିକ,୧୮ା୧(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସି ବଡ଼ଦାଣ୍ଡସାହିସ୍ଥିତ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ନିକଟରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିନିୟର୍ କନସଲଟାଣ୍ଟ ଡା. ସୁନୀଲ କୁମାର ପଣ୍ଡା ଫିତା କାଟି ଏହି ଜନଔଷଧି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡା. ମୌସୁମୀ ହୋତା, ଡା. ଆଶୁତୋଷ ମିଶ୍ର, ଡା. କୁମାର ସୌରଭ ସବ୍ୟସାଚୀ ବେଉରା, ନର୍ସିଂଅଫିସର୍ ସ୍ନିଗଧାରାଣୀ ସିଂ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲାଇସେନ୍ସ ପ୍ରାପ୍ତଧାରୀ ସୁନୀଲ କୁମାର ମିଶ୍ର ଜନଔଷଧି କେନ୍ଦ୍ରରୁ ଔଷଧ କିଣି ଜନ ସାଧାରଣ ଫାଇଦା ନେବାକୁ ଆହ୍ୱାନ ଦେଇଥିଲେ।

# ମୋଦି ଗ୍ୟାରେଣ୍ଟି ସମ୍ପର୍କରେ କରାଯିବ ସଚେତନ



ଭାଜପାର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

ଅନୁଗୋଳ,୧୮ା୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଗୁରୁବାର ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପ ସଭାପତି ତଥା ମୁଖପାତ୍ର ଗୋଲଖ ମହାପାତ୍ର ଯୋଗଦେଇ ଅନୁଗୋଳ ଜିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ଓ କଲ୍ୟାଣକାରୀ ଯୋଜନା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ଏକ ପ୍ରଚାରପତ୍ର ଉନ୍ମୋଚନ କରିଥିଲେ। ଗତ ୧୦ ବର୍ଷ ମଧ୍ୟରେ ଅନୁଗୋଳ ଜିଲାରେ ୬୦ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଏଥିସହ ୨ ଲକ୍ଷରୁ ଊର୍ଦ୍ଧ୍ୱ ଘରକୁ ପାଇପ ପାଣି କନେକ୍ସନ, ସହରାଞ୍ଚଳରେ ୫,୬୭୦ ଜଣଙ୍କୁ ଘର, ଗ୍ରାମାଞ୍ଚଳରେ ୫୬,୭୭୧ ଘର, ୯ଲକ୍ଷ ୬୦ ହଜାର ଲୋକଙ୍କୁ ମାସକୁ ୫ କେଜି ମାଗଣା ଚାଉଳ, ୨,୪୯, ୪୫୭ ପରିବାରକୁ ଶୌଚାଳୟ, ୧,୬୧, ୪୩୬ ପରିବାରଙ୍କୁ ମାଗଣା ଏଲ୍‌ପିଜି ଗ୍ୟାସ୍, ୧୪୯ ରାସ୍ତା, ୨,୦୭, ୪୩୭ ଲୋକଙ୍କୁ ବୀମା ସୁରକ୍ଷା, ତାଳଚେର ସାର କାରଖାନାର ପୁନରୁଦ୍ଧାର ପାଇଁ ୧୩ ହଜାର କୋଟି, ଥର୍ମାଲ ପ୍ଲାଣ୍ଟ ପାଇଁ ୧୦ ହଜାର କୋଟି, କଟକ–ସମ୍ବଲପୁର ଜାତୀୟ ରାଜପଥ, ତାଳଚେର ଜୁବୁରୀ ଜାତୀୟ ରାଜପଥ, ଜିଲାର ସମସ୍ତ ଜାତୀୟ ରାଜପଥକୁ ୪ ଲାଇନ ପାଇଁ ସହସ୍ରାଧିକ କୋଟି ଟଙ୍କା ବ୍ୟୟ ବରାଦ, ନୂଆ ରେଳ ଲାଇନ ପାଇଁ ଅର୍ଥ ପ୍ରଦାନ ମୋଦି ସରକାରଙ୍କ ଗ୍ୟାରେଣ୍ଟି ବୋଲି ମହାପାତ୍ର କହିଥିଲେ। ଜିଲାରେ ମୋଦି ସରକାର ଡିଏମ୍‌ଏଫ୍ ଗଠନ କରି ବାର୍ଷିକ ୧୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିକାଶ ପାଇଁ ଦେଇଛନ୍ତି। ଏହି ସମସ୍ତ ତଥ୍ୟକୁ ନେଇ ଭାଜପା କାର୍ଯ୍ୟକର୍ତ୍ତାମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରିବେ ବୋଲି ମହାପାତ୍ର ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, କାଳନ୍ଦୀ ସାମଲ, ସଞ୍ଜୀବ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଆସନ୍ତା ୨୨ ତାରିଖରେ ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ଜିଲାର ସବୁ ମନ୍ଦିରରେ ସଫେଇ କରିବା ସହ ପୂଜାର୍ଚ୍ଚନା ଓ ଯଜ୍ଞ, ସବୁ ଘରେ ଦୀପାବଳି ପାଳନ କରିବା କାର୍ଯ୍ୟ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

# ୨୨ରେ ଦେବ ଦୀପାବଳି ପାଳନ କର

ଢେଙ୍କାନାଳ ,୧୮ା୧(ରତନ ନାୟାର)

ଅଯୋଧାରେ ଭବ୍ୟ ରାମ ମନ୍ଦିରରେ ଆସନ୍ତା ୨୨ ତାରିଖରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ଏହି ଅବସରରେ ଜିଲା ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଦଳର ଜିଲା କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନରେଶଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଭାଜପା ଉପସଭାପତି ଗୋଲଖ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ୨୨ ତାରିଖ ଦିନ ପ୍ରତ୍ୟେକ ଘରେ ସର୍ବନିମ୍ନ ୫ଟି ଲେଖାଏ ପ୍ରଦୀପ ପ୍ରଜ୍ୱଳନ ସହ ଦେବ ଦୀପାବଳି ପାଳନ, ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସଂକୀର୍ତ୍ତନ ଓ ଧର୍ମପୀଠ ମାନଙ୍କରେ ଏଲ୍‌ଇଡି ମାଧ୍ୟମରେ ଅଯୋଧାର କାର୍ଯ୍ୟକ୍ରମକୁ ସିଧା ପ୍ରସାରଣ ପାଇଁ ବ୍ୟବସ୍ଥା କରିବା ନିମନ୍ତେ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଧାନସଭାସ୍ତରୀୟ ସାଙ୍ଗଠନିକ ଆଲୋଚନା ହୋଇଥିଲା। ବୈଠକରେ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିରୋଜ ନଳିନୀ ମହାଳିକ, ଜିଲା ଉପସଭାପତି ମାତୃ ପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ସନାତନ ବେହେରା, ଇତିଶ୍ରୀ ସାହୁ, ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ରାସ ବିହାରୀ ବେହେରା, ରତିକାନ୍ତ ସାହୁ, ସମ୍ପାଦକ ସୁଶାନ୍ତ ପତି, ଅବନୀକାନ୍ତ ପଟ୍ଟନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ସମେତ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।



ଭାଜପା ପକ୍ଷରୁ ସାଙ୍ଗଠନିକ ବୈଠକ।

# ଭାଷାର ଆବଶ୍ୟକତା, ଭବିଷ୍ୟତ ଉପରେ ଆଲୋକପାତ

ବଇଣ୍ଡା, ୧୮ା୧ (ପରିକ୍ଷିତ ସାହୁ)

କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷାର ଅସ୍ମିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଏବିଡିଓ ତଥା କବି ରାହାସ ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧାପକ ଜୟକୃଷ୍ଣ ପ୍ରଧାନ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଅଧାପିକା ବୀଣାପାଣି ସାହୁ ଯୋଗ ଦେଇଥିଲେ। ଏଥିରେ ଅତିଥିମାନେ ଭାଷାର ଆବଶ୍ୟକତା, ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଭାଷା ଓ ସଂସ୍କୃତିର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ବୀଣାପାଣି ସାହୁ ଓଡ଼ିଆ ଭାଷାର କ୍ରମବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ତରଣୀସେନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଏଥିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ ନଳିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅଧାପିକା ରୁଚିସ୍ମିତା ପରିଡା, ଶୁଭଶ୍ରୀ ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ ଯୋଗଦେଇଥିଲେ। ସେହିପରି ବଇଣ୍ଡା ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଠାକୁରଗଡ଼ ଡିଗ୍ରୀ ମହାବିଦ୍ୟାଳୟ ଅଧାପିକା ଡ. କଲ୍ୟାଣୀ ରୁପା ମିଶ୍ର, ମୁଖ୍ୟବକ୍ତା ଭାବେ ଘନଶ୍ୟାମ ସାହୁ ଯୋଗଦେଇ 'ଓଡ଼ିଆ ଭାଷାର ଭବିଷ୍ୟତ, ଯୁବ ପିଢ଼ିର ଦାୟିତ୍ୱ' ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ରସାୟନ ବିଭାଗର ଅସିତ କୁମାର ଜେନା ଉପସ୍ଥିତ ଥିଲେ। ନୋଡାଲ ଅଫିସର ଅଧାପକ କାଳିଆ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଅଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ମୋ ବସ୍ ଚଳାଚଳ ପାଇଁ ଦାବିପତ୍ର

ତାଳଚେର,୧୮ା୧ (ମନୋଜ ନନ୍ଦ)

ତାଳଚେର ଉପଖଣ୍ଡରେ ମୋ ବସ୍ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତାଳଚେର ଉପଖଣ୍ଡରେ ବିଭିନ୍ନ ଶିଳ୍ପାନୁଷ୍ଠାନ, ଶିକ୍ଷାନୁଷ୍ଠାନ ତଥା ଖଣିଖାଦାନ ଥିବାରୁ ସହସ୍ରାଧିକ ସଂଖ୍ୟାରେ ଜନସାଧାରଣ ଯାତାୟାତ କରୁଛନ୍ତି। ପୂର୍ବରୁ ଚାଲୁଥିବା ମୋ ଗାଁ ବସ୍ ବନ୍ଦ ହୋଇଯାଇଛି। ଫଳରେ ଯାତ୍ରୀମାନେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାରଙ୍କ ତରଫରୁ ତାଳଚେର ରାଜବାଟି ଠାରୁ ହିଙ୍ଗୁଳା ମନ୍ଦିର ଯାଏ ୫ଟି ମୋ ବସ୍ ଚଳାଚଳ କରାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ ବାଉରୀବନ୍ଧୁ ବେଜ, ପ୍ରଭାତିନୀ ଆଚାର୍ଯ୍ୟ, ପ୍ରଦୀପ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ସାହିତ୍ୟରେ ରୁଚି ରଖନ୍ତୁ ଛାତ୍ରୀଛାତ୍ର



ରାଧାମାଧବ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୧୮ା୧ (ପରିକ୍ଷିତ ସାହୁ)

ଛାତ୍ରୀଛାତ୍ରମାନେ ସାହିତ୍ୟ ସହ ବିଭିନ୍ନ କ୍ଷେତ୍ରରେ ରୁଚି ରଖିଲେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଭାଷା ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି । ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଶୁକଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନିରୋଜକାନ୍ତ ସାହୁ, ଅନ୍ୟତମ ଅତିଥି ଭାବେ ଆମ ଓଡ଼ିଶା ନବୀନ ଓଡ଼ିଶା ସ୍କୁଲ ସଭାପତି ଲଳିତ ପ୍ରଧାନ, ସାପଘରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ ପରିଚାଳନା କରିଥିଲେ। ସେହିପରି ବଇଣ୍ଡା ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚାତମ୍ବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଜଳଧର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ସାହୁ, ସନ୍ତୋଷ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ, ଭବାନୀ ଶଙ୍କର ପ୍ରଧାନ ପରିଚାଳନା କରିଥିଲେ।

# ତେନ୍ତୁଲୋଇ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ଅନୁଗୋଳ,୧୮ା୧ (ଅମିତ କୁମାର ସାମଲ)

ବଅଁରପାଳ ବ୍ଲକ ତେନ୍ତୁଲୋଇ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ଏଡିଡବ୍ଲ୍ୟୁଓ ସୁଶାନ୍ତ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ସୁନାଗରିକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଅଁରପାଳ ରଶ୍ମିରାଣୀ ଦାସ ଯୋଗଦେଇ ଦେଶର ବିକାଶ ଧାରାରେ ଭାଗୀଦାର ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ସୁପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସିଂ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଅନୁଗୋଳ,୧୮ା୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାସ୍ତରୀୟ ନୂଆ– ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଗୋଳ ସଦର ମହକୁମାର ବିଭିନ୍ନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳ ଓ ଏନ୍‌ଏସିର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଫରେଷ୍ଟ ରେଞ୍ଜର କଲେଜ ପଡିଆରେ ମହିଳା କ୍ରିକେଟ, ଭଲିବଲ ଓ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହିଭଳି ପୁରୁଷ ବିଭାଗରେ ଖୋକୋ ଓ କବାଡ଼ି ଅନୁଷ୍ଠିତ ହୋଇଥିଲା। ଏଥିସହ ପୁରୁଷ ବିଭାଗର କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ବାସନ୍ତୀ ଦୁର୍ଗା ପଡ଼ିଆରେ ପୁରୁଷ ଭଲିବଲ୍, ଟାଉନ ହାଇସ୍କୁଲ ପଡିଆରେ ପୁରୁଷ ଫୁଟ୍‌ବଲ ଓ ପିଟିସି ପଡିଆରେ ମହିଳା ଫୁଟବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଠାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ସୂଚନା ଦେଇଛନ୍ତି।

# ମୋ ଜଙ୍ଗଲ ଜମି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର

କଣିହାଁ, ୧୮ା୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହ ପରିସରରେ ମୋ ଜଙ୍ଗଲ ଜମି ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କଣିହାଁ ତହସିଲଦାର ଚିନ୍ମୟ ଦାଶ, ବିଡିଓ ଦେବଦତ୍ତ ପ୍ରଧାନ, ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ ଓ ମୋ ଜଙ୍ଗଲ ଜମି ଯୋଜନାର ଜିଲା ସଂଯୋଜକ ବିନୟ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁସୂଚିତ ଜାତି ଓ ଜନଜାତିର ଲୋକମାନେ ମୋ ଜଙ୍ଗଲ ଅଧିକାର ନିୟମ ସମ୍ପର୍କରେ ଅବଗତ ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ଶିକ୍ଷା ଆଦି ବିଷୟରେ ସଚେତନ ହୋଇ ନିଜର ଜୀବିକା ନିର୍ବାହ କରିପାରିବେ ବୋଲି ଅତିଥିମାନେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ଜନ ମଙ୍ଗଳ ଅଧିକାରୀ ସୋମନାଥ ଦାଶ, କୁଳମଣି ବେହେରା, ସ୍ମିତାଞ୍ଜଳୀ ନନ୍ଦ ପମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।





# ଜୁଭେଲାଇନ କ୍ରିକେଟ କ୍ଲବ କଟକ ଚାମ୍ପିୟନ

ପାଲଲହଡା,୧୮ା୧ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ାସ୍ଥିତ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଶାସନ ସାହି ପକ୍ଷରୁ ଆୟୋଜିତ ଷଷ୍ଠ ସର୍ବଭାରତୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଖେଳାଯାଇଥିବା ଫାଇନାଲରେ ୱାଇସିସି ରାଉରକେଲାକୁ ହରାଇ ଜୁଭେଲାଇନ କ୍ରିକେଟ କ୍ଲବ କଟକ ଚାମ୍ପିୟନ ହୋଇଛି। ଜୁଭେଲାଇନ କ୍ରିକେଟ କ୍ଲବ କଟକ ପ୍ରଥମେ ବ୍ୟାଟିଂ କରି ୧୭୩ ରନ କରିଥିଲା। ଜବାବରେ ରାଉରକେଲା ଦଳ ୧୬୬ ରନ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଜୁଭେଲାଇନ କଟକ ଦଳକୁ ୪୧ ହଜାର ଓ ରନର୍ସଅପ୍ ଦଳକୁ ୨୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ଲବ ଶାସନ ସାହି ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ରଞ୍ଜିତ ସାମଲ ଓ ଅଭିଷେକ ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବର ପୁରାତନ କ୍ରିକେଟ ଖେଳାଳିମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଦୁର୍ଘଟଣାରେ ଜଣେ ମୃତ

ଖମାର,୧୮ା୧ (ରଜନୀକାନ୍ତ ମହାରଣା)

୧୪୯ ନଂ ଜାତୀୟ ରାଜପଥର ଖମାର ଥାନା ବାରମାଇଲ ଛକରେ ଗୁରୁବାର ଭୋର୍ ସମୟରେ ଏକ ଟ୍ରେଲର ଓ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଫଳରେ ଲୁହା ପ୍ଲେଟ ବୋଝେଇ ଟ୍ରେଲର ଓଲଟି ପଡ଼ିବା ସହ ଜଳି ଯାଇଥିଲା। ଟ୍ରକ୍‌ଟି ମଧ୍ୟ ଓଲଟି ପଡ଼ିଥିଲା। ଟ୍ରେଲର ଚାଳକ ଜଳନ୍ତା ଗାଡ଼ିରୁ ବାହାରି ଯାଇଥିଲେ ହେଁ ଟ୍ରକ୍ ଚାଳକ ଛତିଶଗଡର ରାଧୁ ଏକ୍କା ଚାପି ହୋଇଯିବାରୁ ମୃତ୍ୟୁ ହୋଇଥିଲା। ଅଗ୍ନିଶମ କର୍ମଚାରମାନେ ପହଞ୍ଚି ନିଆଁ ଲିଭାଇବା ସହ ଚାପିହୋଇ ରହିଥିବା ଚାଳକଙ୍କୁ ଉଦ୍ଧାର କରି ଖମାର ମେଡିକାଲ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଟ୍ରେଲର ଚାଳକ ଓ ଟ୍ରକ୍‌ର ଖଲାସୀ ତଥା ମୃତ ଚାଳକଙ୍କ ପୁଅ ଖମାର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଖମାର ପୋଲିସ ଗାଡ଼ି ଜବତ କରିବା ସହିତ ମୃତଦେହ ଜବତ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ପ୍ରକାଶ କରିଛନ୍ତି।

# ଦର୍ଶକଙ୍କୁ ପ୍ରେମରେ ପକାଇଲା 'ଏଇ ବୋଧେ ପ୍ରେମ'

ଅନୁଗୋଳ,୧୮ା୧ (ଅମିତ କୁମାର ସାମଲ)

**ନାଟ୍ୟମର ନାଟ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟା**

ଅନୁଗୋଳ ସଭାଘର ଠାରେ ନାଟ୍ୟମ ନାଟ୍ୟ ମେଳାର ଦିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନାଟକ 'ଏଇ ବୋଧେ ପ୍ରେମ'। ଏହାକୁ ଦିଲୀପ ବଳବନ୍ତ ରାୟ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ପ୍ରସାଦ ମହାରଣା। ଭୁବନେଶ୍ୱରର ବିଦ୍ୟାକନକ ସୃଜନୁଷ୍ଠାନ ପକ୍ଷରୁ ଏହି ନାଟକ ମଞ୍ଚସ୍ଥ କରାଯାଇଥିଲା। ସହର ସଭ୍ୟତାରେ ଯେତେବେଳେ ମଣିଷ ବୟସର ସାୟାହ୍ନରେ ଏକୁଟିଆ ହୋଇଯାଏ, ପାଖରେ ପିଲାମାନେ ନ ଥାନ୍ତି ସେତେବେଳେ ସମୟ କାଟିବାକୁ ମଣିଷ କେତେ ଫନ୍ଦିଫିକର କରେ। ସକାଳ ଚଲା ଠାରୁ ଚା ଖଟି ସବୁଠି ସାଙ୍ଗ ସାଥିରେ ନିଜକୁ ଖୁସି ରଖିବାକୁ ଚେଷ୍ଟା କରେ। ନିଜର ଦୁଃଖକୁ ଭୁଲି ଅବିଚଳିତ ଭାବରେ ସ୍ୱାମୀ ସ୍ତ୍ରୀ ଜୀବନକୁ ଜିଇବା ପାଇଁ ଅନେକ କିଛି ପ୍ରୟାସ କରନ୍ତି। ପିଲାମାନେ ଏସବୁ କଥା କିଛି ବୁଝନ୍ତି ନାହିଁ। ସ୍ୱାମୀ ସ୍ତ୍ରୀ ନିଆଁକୁ ସାକ୍ଷୀ ରଖି ହାତ ସିନା ଧରିଥିଲେ ହେଲେ ନିୟତିର ନିର୍ଦ୍ଦେଶରେ କିଏ କେତେବେଳେ ଚାଲିଯିବ ନାଟକକୁ କରିଥିଲା ଅଶ୍ରୁସିକ୍ତ। ଅଭାବଭରା ଆଜିର ଚଳଣି ଜୀବନର ଚଲାପଥରେ ଅନେକ କଣ୍ଟା ଠିଆ କରିଛି। ହେଲେ ବୁଢ଼ୀବୁଢ଼ାଙ୍କ ପ୍ରେମ ଓ ଭଲପାଇବା ସବୁ କଣ୍ଟକିତ ରାସ୍ତାକୁ ଦୁର କରିଛି। ପରିଣତ ବୟସରେ ଦମ୍ପତିଙ୍କ ମଧ୍ୟରେ ଥିବା ଭଲପାଇବାକୁ ନାଟକର କଳାକାରମାନେ ବେଶ୍ ପ୍ରଦର୍ଶିତ କରିପାରିଥିବାରୁ ଏହା ଦର୍ଶକମାନଙ୍କ ହୃଦୟରେ ପ୍ରେମର ଭାବନା ଭରିଦେଇଥିଲା। ଦ୍ୱିତୀୟ ସନ୍ଧ୍ୟାର ନାଟକ ଉତ୍ସବ କୁ ପୂର୍ବତନ ପ୍ରଶାସକ ହେମନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ନାଟ୍ୟମ ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ ଓ ସମ୍ପାଦକ ସମୀର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



